## ୨୨ ଏପ୍ରେଲ ୨୦୨୨ ଖୁତବା ଜୁମାର ସାରାଂଶ
## ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ

**ମନୁଷ୍ୟର ସମସ୍ତ ଆଧାତ୍ମିକ ସୌନ୍ଦର୍ଯ୍ୟତା ଧର୍ମପରାୟଣତାର ସମସ୍ତ ସଂକୀର୍ଣ୍ଣ ମାର୍ଗରେ ପରିଚାଳିତ ହେବାରେ ହିଁ ଅନ୍ତର୍ନିହିତ । ଧର୍ମପରାୟଣତାର ସଂକୀର୍ଣ୍ଣ ମାର୍ଗ ଆଧାତ୍ମିକ ସୌନ୍ଦର୍ଯ୍ୟର ସୂକ୍ଷ୍ମ ଚିତ୍ରପଟ ଓ ସୁଶୋଭିତ ପ୍ରତିମୂର୍ତ୍ତି ଅଟେ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନୱ୍ୱର[ଅ.ବ] କହିଲେ; ଆଜିକାଲି ଆମେ ରମଜାନର ପବିତ୍ର ମାସରେ ଗତି କରୁଅଛେ, ଯାହାର ପାଖାପାଖି କୋଡ଼ିଏ ଦିନ ଅତିବାହିତ ହୋଇଗଲାଣି ଅଲ୍ଲାଃତାଲାଙ୍କ କୃପାରୁ ପ୍ରତ୍ୟେକ ପୁଣ୍ୟବାନ ଏହି ମାସରେ ପୂର୍ଣ୍ଣ ପ୍ରୟାସ କରିଥାଏ ଯେ ସେ ଏହି ମାସରୁ ଅଧିକରୁ ଅଧିକ ମାତ୍ରାରେ ସୁଫଳ ଲାଭ କରିନେଉ ।

ଅଲ୍ଲାଃତାଲା (ଜଣେ ମୁସଲମାନ ସକାଶେ) ରୋଜା ରଖିବା ଅନିବାର୍ଯ୍ୟ କରିବା ଆଦେଶର ପ୍ରାରମ୍ଭରେ ହିଁ ଏହାର ଉଦ୍ଦେଶ୍ୟ ଦର୍ଶାଇ ଦେଇଛନ୍ତି ଯେ, ତୁମମାନଙ୍କ ସକାଶେ ରୋଜା ରଖିବା ଏଥିପାଇଁ ବିଧେୟ କାରଣ ଏତଦ୍ ଦ୍ୱାରା ତୁମେ ଧର୍ମନିଷ୍ଠ ହେବ । ସୁତରାଂ ରୋଜା ଓ ରମଜାନର କଲ୍ୟାଣରୁ ସେତେବେଳେ ସୁଫଳ ମିଳି ପାରିବ ଯେତେବେଳେ ଆମେମାନେ ରୋଜା ରଖିବା ସହିତ ନିଜ ହୃଦୟରେ ଈଶ୍ୱରଭୟର ସ୍ତରକୁ ଉର୍ଦ୍ଧ୍ୱଗାମୀ କରିବାକୁ ଉଦ୍ୟମ କରିବା, ସମସ୍ତ ପ୍ରକାରର ଅପକର୍ମରୁ ନିବୃତ୍ତ ରହିବା ପାଇଁ ଅଲ୍ଲାଃତାଲାଙ୍କ ଶରଣାଗତ ହେବାକୁ ଚେଷ୍ଟା କରିବା ।

ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ରୋଜା ଏକ ରକ୍ଷା କବଚ (ଢ଼ାଲ) ଅଟେ । କ'ଣ କେବଳ ନାମକୁ ମାତ୍ର ରୋଜା ରଖିବା ଆମମାନଙ୍କ ପାଇଁ ଯଥେଷ୍ଟ ? ସେହ୍‌ରୀ ଓ ଅଫ୍‌ତାରୀ କରିବା ହିଁ ଯଥେଷ୍ଟ ? କ'ଣ ଆମର କେବଳ ଏତିକି କାର୍ଯ୍ୟ ଆମମାନଙ୍କୁ ରୋଜାର ରକ୍ଷା କବଚରେ ଢ଼ାଙ୍କିଦେବ ଯେ ଆମମାନେ ସେହ୍‌ରୀ ଓ ଅଫ୍‌ତାରୀ କରି ନେଇଛେ ? ନା ! ବରଂ ତାହାର ଆନୁଷଙ୍ଗିକ ପକ୍ଷକୁ ମଧ୍ୟ ଦେଖିବାକୁ ହେବ ଏବଂ ମୂଳ ଉଦ୍ଦେଶ୍ୟ ଯାହାକି ଅଲ୍ଲାଃତାଲା ଦର୍ଶାଇଛନ୍ତି, ଯେପରିକି ମୁଁ କହି ଆସିଲି ଯେ ଲାଅଲ୍ ଲକୁମ୍ ତତ୍‌ତକୁନ୍ ଅର୍ଥାତ ଏତଦ୍ ଦ୍ୱାରା ତୁମେ ଧର୍ମନିଷ୍ଠ ହେବ । ସୁତରାଂ ଯଦି ଆମମାନେ ନିଜ ରୋଜାକୁ, ନିଜ ରମଜାନକୁ ଏପରି ଗଢ଼ି ତୋଳିବା ଯାହାକି କେବଳ ଅଲ୍ଲାଃତାଲାଙ୍କ ସକାଶେ ହିଁ ହେବ । ତାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହେବ, ଯାହାର ପ୍ରତିଫଳ ସ୍ୱୟଂ ପ୍ରଭୁ ହୋଇଥାନ୍ତି । ଏଥିପାଇଁ ଆମମାନଙ୍କୁ ସେହି ସ୍ତରରେ ଉପନୀତ ହେବା ଅନିବାର୍ଯ୍ୟ ଯାହାକି ପ୍ରଭୁ ଆମ ଠାରୁ ଆଶା କରିଛନ୍ତି ।

ଆମେମାନେ ନିଜକୁ ମୋମିନ୍, ମୁସଲମାନ କହିଥାଉ ଏବଂ ଏହି ଘୋଷଣା କରୁଛେ ଯେ ଆମେମାନେ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଶିକ୍ଷା ମୁତାବକ ନିଜକୁ ପରିଚାଳିତ କରୁଛୁ । ଆପଣ [ସ.ଅ]ଙ୍କ ଉପରେ ବିଶ୍ୱାସକୁ ସମ୍ପୂର୍ଣ୍ଣ କରିବା ସକାଶେ ଏ କଥାର ସ୍ୱୀକାରୋକ୍ତି କରୁଛେ ଯେ ହଜୁର [ସ.ଅ]ଙ୍କ ଭବିଷ୍ୟବାଣୀ ଅନୁଯାୟୀ ଯେଉଁ ପ୍ରତିଶ୍ରୃତ ମସିହ ଓ ମେହଦୀଙ୍କର ଆଗମନ ହେବାର ଥିଲା, ସେ ହଜରତ ମିର୍ଜା ଗୁଲାମ ଅହେମଦ କାଦିୟାନୀ[ଅ.ସ] ଅଟନ୍ତି । ବର୍ତ୍ତମାନ ଇସଲାମ ଧର୍ମର ନବୀନିକରଣ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୃତ ମୁତାବକ ଏହି ମସିହ ଓ ମେହଦୀଙ୍କ ହସ୍ତରେ ହେବା ବିଧିର ଧାର୍ଯ୍ୟ ବିଧାନ । ଅତଏବ ଆମମାନଙ୍କର କର୍ତ୍ତବ୍ୟ ଯେ ଆମେମାନେ ନିଜ ଆଭ୍ୟନ୍ତରରେ ଇସଲାମ ଧର୍ମର ପ୍ରକୃତ ଆତ୍ମାକୁ ସଂଚାର କରିବା ସକାଶେ ମସିହ ମଉଦ [ଅ.ସ]ଙ୍କ ଠାରୁ ମାର୍ଗଦର୍ଶନ ଲୋଡ଼ିବା ।

ବସ୍ତୁତଃ ଯେତେବେଳେ ଆମେ ଦେଖିଥାଉ ଯେ ଧର୍ମପରାୟଣତା ପ୍ରସଙ୍ଗରେ ହଜୁର[ସ.ଅ] କି କି ନିର୍ଦ୍ଦେଶମାନ ଦେଇଛନ୍ତି ସେତେବେଳେ ଆମକୁ ଏକଥା ମଧ୍ୟ ଜ୍ଞାତ ହୋଇଥାଏ ଯେ ଧର୍ମପରାୟଣତାର ସଂଜ୍ଞା କ'ଣ ? ଯେପରିକି ମୁଁ କହିଲି ଯେ ଆମମାନେ ନିଜକୁ ମୁସଲମାନ ଘୋଷଣା କରୁଛେ ଏବଂ ଆମମାନେ ବିଶ୍ୱାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ତେବେ ହଜରତ ମସିହ ମଉଦ[ଅ.ସ] କୁହନ୍ତି; ତେବେ ଶୁଣିରଖ, ବିଶ୍ୱାସର ପ୍ରଥମ ସୋପାନ ଏହିକି ଯେ ମନୁଷ୍ୟ ଧର୍ମପରାୟଣତା ଅବଲମ୍ବନ କରୁ ।

ପୁନଶ୍ଚ କହିଲେ, ଧର୍ମପରାୟଣତା (ତକ୍ୱା)ର ଅର୍ଥ କ'ଣ ? ତେବେ ଏହାର ଉତ୍ତର ଏହିକି ଯେ ସମସ୍ତ ପ୍ରକାରର ଅପକର୍ମରୁ ନିଜକୁ ରକ୍ଷା କରିବା । ବର୍ତ୍ତମାନ ଯଦି ଆମେ ନିଜ ନିଜର ଆତ୍ମ ସମୀକ୍ଷା କରିବା ତେବେ ଆମମାନଙ୍କୁ ଜ୍ଞାତ ହୋଇଯିବ ଯେ ଆମେମାନେ ଧର୍ମପରାୟଣତାର କର୍ତ୍ତବ୍ୟ କିଭଳି ସମ୍ପାଦନ କରି ପ୍ରଭୁଙ୍କ ଦାୟିତ୍ୱକୁ ନିର୍ବାହ କରୁଅଛେ । କ'ଣ ଆମେମାନେ ଧର୍ମପରାୟଣତାର ମାର୍ଗରେ ପରିଚାଳିତ ହୋଇ ମାନବଜାତି (ସୃଷ୍ଟି) ପ୍ରତି ଥିବା ନିଜ କର୍ତ୍ତବ୍ୟ ସମ୍ପାଦନ କରୁଅଛେ ? ହଜୁର[ସ.ଅ] କହିଲେ ! ଯେପର୍ଯ୍ୟନ୍ତ ଏହି କଥାଗୁଡ଼ିକୁ ପୂର୍ଣ୍ଣ ରୂପେ ବୁଝିନେବ ନାହିଁ ସେପର୍ଯ୍ୟନ୍ତ ଧର୍ମପରାୟଣତା କାହାକୁ କୁହାଯାଏ, ଜାଣି ପାରିବ ନାହିଁ । ଜ୍ଞାନ ଆହରଣ କରିବା ଜରୁରୀ କାରଣ ଏତଦ୍ ବ୍ୟତୀତ କୌଣସି ବସ୍ତୁ ହାସଲ ହୋଇ ନଥାଏ, ତାହାକୁ ମନୁଷ୍ୟ ଜିଣି ହିଁ ପାରି ନଥାଏ ।

ପୁନଶ୍ଚ ହଜୁର[ସ.ଅ] କହିଲେ ! ଏହି ଜ୍ଞାନ ଆହରଣ କରିବା ସକାଶେ ଅଲ୍ଲାଃତାଲାଙ୍କର କି କର୍ତ୍ତବ୍ୟ ରହିଛି, ଭକ୍ତର କି କି କର୍ତ୍ତବ୍ୟ ରହିଛି, କେଉଁ କାର୍ଯ୍ୟ କରିବାକୁ ପ୍ରଭୁ ବାରଣ କରିଛନ୍ତି ଏବଂ କେଉଁ କାର୍ଯ୍ୟ କରିବାର ଆଦେଶ ଦେଇଛନ୍ତି । ଏଥିସକାଶେ ପବିତ୍ର କୁରଆନର ଅଧ୍ୟୟନ କର । ହଜୁର[ସ.ଅ] କହିଲେ ! ତୁମମାନଙ୍କୁ ଆବଶ୍ୟକ ଯେ ନିଜ ଅପକର୍ମଗୁଡ଼ିକୁ ଲିପିବଦ୍ଧ କରିଚାଲ । ଆଉ ଯେତେବେଳେ ପବିତ୍ର କୁରଆନର ଅଧ୍ୟୟନ କର ସେତେବେଳେ ପ୍ରଭୁଙ୍କ କୃପା ଓ ଅନୁକମ୍ପା ମାଧ୍ୟମରେ ସେହି ଅପକର୍ମରୁ ନିବୃତ୍ତ ରହିବାକୁ ଚେଷ୍ଟା କର । ସାଧାରଣତଃ ସଭିଏଁ ରମଜାନ ମାସରେ ପବିତ୍ର କୁରଆନର ଆବୃତ୍ତି କରିଥାନ୍ତି ଏବଂ ଏହି ମାସରେ ବିଶେଷ ଭାବରେ ପବିତ୍ର କୁରଆନର ଆବୃତ୍ତି କରିବା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ । ତେଣୁ ଏବେ ଆବୃତ୍ତି କରିବା ସମୟରେ ଏଥିପ୍ରତି ଧ୍ୟାନ ରଖିବେ ଯେ ସେଥିରେ କ'ଣ କରିବା ଓ କ'ଣ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେଥିଅନ୍ତେ ଅପକର୍ମରୁ ନିବୃତ୍ତ ରହିବା ସହିତ ସତ୍‌କର୍ମ ସମ୍ପାଦନ କରିବାକୁ ଉଦ୍ୟମ କରିବା ଉଚିତ୍ । ହଜୁର[ଅ.ସ] କହିଲେ ! ପବିତ୍ର କୁରଆନର ପ୍ରାରମ୍ଭରୁ ଶେଷ ପୃଷ୍ଠା ପର୍ଯ୍ୟନ୍ତ ଆଦେଶ ଓ ନିଷିଦ୍ଧାଦେଶର ବ୍ୟାଖ୍ୟା ରହିଛି ।

ହଜୁର[ଅ.ସ] ଏକଥା ବେଶ୍ ଦୃଢ଼ତାର ସହିତ କହିଛନ୍ତି; ଯେ ଯେପର୍ଯ୍ୟନ୍ତ ମନୁଷ୍ୟ ଧର୍ମପରାୟଣ ହୋଇ ନାହିଁ ସେପର୍ଯ୍ୟନ୍ତ ତାହାର ଉପାସନା ଓ ଦୁଆ (ପ୍ରାର୍ଥନା) ସ୍ୱୀକୃତି ଲାଭ କରିବା ସ୍ତରେ ଉପନୀତ ହୋଇ ନଥାଏ । କାରଣ ଅଲ୍ଲାଃତାଲା ଏକଥା କହିଛନ୍ତି ଯେ ଇନ୍ନମା ୟତକବ୍ ବଲୁଲ୍ଲାହୁ ମିନଲ୍ ମୁତ୍‌ତକିଈନା (ମାଏଦାଃ : ୨୮) ଅର୍ଥାତ ନିଃସନ୍ଦେହ ରୂପେ ଅଲ୍ଲାଃତାଲା ଧର୍ମପରାୟଣ ବ୍ୟକ୍ତିଙ୍କ ଉପାସନା ଗ୍ରହଣ କରନ୍ତି । ପୁନଶ୍ଚ ହଜୁର[ଅ.ସ] କହିଛନ୍ତି ! ଏହା ନିରାଟ ସତ୍ୟ ଯେ ନମାଜ, ରୋଜା ମଧ୍ୟ କେବଳ ଧର୍ମନିଷ୍ଠମାନଙ୍କର ଗୃହୀତ ହୋଇଥାଏ । ଉପାସନା ଗ୍ରହଣ ହେବା ଓ ତାହାର ତାତ୍ପର୍ଯ୍ୟ କ'ଣ ? ଏହାର ଉତ୍ତର ଏହିକି ଯେ ଯେତେବେଳେ ଆମେ ଏକଥା କହୁ କି ନମାଜ ଗୃହୀତ ହୋଇଗଲା ତେବେ ଏହାର ଅର୍ଥ ଯେ ନମାଜର ପ୍ରଭାବ ଓ ବରକାତ ନମାଜ ପାଠକାରୀ ମଧ୍ୟରେ ଉତ୍ପନ୍ନ ହୋଇଯାଇଛି । ଯେପର୍ଯ୍ୟନ୍ତ ସେହି କଲ୍ୟାଣ ଓ ପ୍ରଭାବ ଉତ୍ପନ୍ନ ହୋଇ ନାହିଁ । ହଜୁର[ଅ.ସ] କୁହନ୍ତି ! ସେପର୍ଯ୍ୟନ୍ତ ଜଣେ କେବଳ ମୁଣ୍ଡିଆ ମାରି ଥାଏ । ସୁତରାଂ ଆମମାନଙ୍କୁ ଦେଖିବାକୁ ହେବ ଯେ କ'ଣ ଆମ ରମଜାନ, ଆମର ରୋଜା ଆମକୁ ସେହି ସ୍ତରରେ ଉପନୀତ କରାଇ ପାରିବ । ହଜୁର[ଅ.ସ] କୁହନ୍ତି ! ସୁତରାଂ ସେହି ବ୍ୟକ୍ତି ଯେ ଏବେ ପ୍ରଥମ ସୋପାନରେ ଦଣ୍ଡାୟମାନ ଥାଏ ତାହା ପାଇଁ ପୁଣ୍ୟବାନ ହେବାକୁ ଉଦ୍ୟମ କରିବା କଷ୍ଟସାଧ୍ୟ । ତେବେ ଅପକର୍ମରୁ ନିବୃତ୍ତ ରହିବାର ନାମ ହିଁ ତକ୍ୱା ଅଟେ ।

ସୁତରାଂ ଯଦି ଆମର ଉପାସନା, ଆମର ରୋଜା, ଆମ ପବିତ୍ର କୁରଆନର ଆବୃତ୍ତି କରିବା ଦ୍ୱାରା ଆମ ଆଭ୍ୟନ୍ତରରେ ପରିବର୍ତ୍ତନ ଉତ୍ପନ୍ନ ହେଉ ନାହିଁ ଏବଂ **ଯେଉଁ ତକ୍ୱା ହାସଲ କରିବା ସକାଶେ ରୋଜା ରଖା ଯାଇଥାଏ,**

**ତାହା ହାସଲ କରିବାକୁ ଚେଷ୍ଟା କଲେ ନାହିଁ ତେବେ ଆମେ ରୋଜା ରଖିବାର ଉଦ୍ଦେଶ୍ୟ ପୂରଣ କଲେ ନାହିଁ ।** ଆମମାନେ ସେହି ରକ୍ଷା କବଚ ସମ୍ପର୍କରେ ଆଲୋଚନା ତ କଲେ ଯାହା ପ୍ରସଙ୍ଗରେ ହଜୁର ସ.ଅଙ୍କର ପବିତ୍ର ନୀତିବାଣୀ ରହିଛି । କିନ୍ତୁ ଆମମାନେ ସେହି ରକ୍ଷା କବଚକୁ ବ୍ୟବହାର କରିବାର ପ୍ରକ୍ରିୟା ଶିଖିବାକୁ ଚେଷ୍ଟା କଲେ ନାହିଁ । ଆମମାନେ ସେହ୍‌ରୀ ଓ ଆଫ୍‌ତାରୀ ଖାଇବାର ପ୍ରବନ୍ଧ ତ କଲେ କିନ୍ତୁ ଆମମାନେ ସେହ୍‌ରୀ ଓ ଆଫ୍‌ତାରୀ ଖାଇବାର ଉଦ୍ଦେଶ୍ୟ ପୂରଣ କଲେ ନାହିଁ । ଆମେମାନେ ସାରା ଦିନ ନିର୍ଜଳ, ନିରନ୍ନରେ ଅତିବାହିତ ତ' କରିଦେଲେ କିନ୍ତୁ ଆମେମାନେ ସେହି ଉପବାସର ଉଦ୍ଦେଶ୍ୟ ପୂରଣ କଲେ ନାହିଁ । ଯେଉଁ ଉଦ୍ଦେଶ୍ୟ ତକ୍‌ୱା ଦ୍ୱାରା ପୂରଣ ହୋଇଥାଏ । ଯାହାକି ଆମ ଆଭ୍ୟନ୍ତରରେ ଉତ୍ପନ୍ନ ହେବା ଉଚିତ୍ ଥିଲା । ସୁତରାଂ ଆମମାନଙ୍କୁ ନିଜର ଅନୁଶିଳନ କରିବା ଉଚିତ୍ ଯେ ତାହା ଉତ୍ପନ୍ନ ହୋଇଛି ଅବା ନୁହେଁ**!** ଅଧିକନ୍ତୁ ପ୍ରିୟ ହଜୁର ଅନଓ୍ୱର ଅ.ବ ହଜରତ ମସିହ ମଉଦ ଅ.ସଙ୍କର କେତେକ ସନ୍ଦର୍ଭ ଯାହାକି ଧର୍ମପରାୟଣତା ପ୍ରସଙ୍ଗରେ ରହିଛି ଆଲୋଚନା କରି କହିଲେ; ଯେଉଁଥିରୁ ଆମର ମାର୍ଗଦର୍ଶନ ହୋଇଥାଏ ଯେ, ଅସଲ ଧର୍ମପରାୟଣତା କାହାକୁ କୁହାଯାଏ ? ହଜରତ ମସିହ ମଉଦ ଅ.ସ କେଉଁ ପ୍ରକାର ଧର୍ମପରାୟଣତା ଆମ ମଧ୍ୟରେ ଉତ୍ପନ୍ନ କରିବାକୁ ଚାହୁଁ ଥିଲେ ।

ଅସଲ ଧର୍ମପରାୟଣତା ଯାହାକି ମନୁଷ୍ୟକୁ ପରିଷ୍କାର କରିଦେଇଥାଏ, ପବିତ୍ର କରିଦେଇଥାଏ । ଯେଉଁଥି ପାଇଁ ଅବତାରମାନେ ଆସିଥାନ୍ତି, ତାହା ସଂସାରରୁ ଉଭାନ ହୋଇ ଯାଇଛି । କେହି ଅଛି ଯେ କଦ୍ ଅଫ୍‌ଲାହା ମନ୍ ଜକ୍‌କାହାର ଦୃଷ୍ଟାନ୍ତ ସାବ୍ୟସ୍ତ ହେବ । ଅର୍ଥାତ ଯେ ନିଜକୁ ପବିତ୍ର କରିନେଲା ସେ ନିଜ ଉଦ୍ଦେଶ୍ୟ ପ୍ରାପ୍ତ କରିନେଲା ନେଲା । ସ୍ୱଚ୍ଛ ଓ ପବିତ୍ରତା ଠାରୁ ବଳି କୌଣସି (ଉତ୍କୃଷ୍ଟତମ) ଜିନିଷ ନାହିଁ । **ମନୁଷ୍ୟ ସ୍ୱଚ୍ଛ ଓ ପବିତ୍ର ଅବସ୍ଥାରେ ଥିଲେ ତାହା ସହିତ ଦେବଦୂତମାନେ ବାର୍ତ୍ତାଳାପ କରିଥାନ୍ତି ।**

ଦୁଃଖଦ ଯେ ଲୋକମାନଙ୍କ ମନରେ ଏଥିପ୍ରତି ଉତ୍କଣ୍ଠା (ଭାବ) ନାହିଁ । ନଚେତ ତାହାର ମଧୁର ସ୍ୱାଦ ସମସ୍ତ ବସ୍ତୁ ଠାରୁ ବୈଧ ଉପାୟରେ ହାସଲ ହୋଇଥାଏ । ଚୋର ଚୋରି କରିଥାଏ ଯଦ୍ୱାରା ତାହାକୁ ଅର୍ଥ ମିଳିବ କିନ୍ତୁ ଯଦି ସେ ଧୈର୍ଯ୍ୟ ରକ୍ଷା କରିଥାନ୍ତା ତେବେ ଦୟାମୟ ପ୍ରଭୁ ତାହାକୁ ଅନ୍ୟ ଉପାୟରେ ମାଧ୍ୟମରେ ଅର୍ଥ ପ୍ରଦାନ କରି ଦେଇଥାନ୍ତେ । କେବଳ ଏପ୍ରକାର ପ୍ରକାଶ୍ୟ ଚୋରି ନୁହେଁ ବରଂ କେତେକ ବ୍ୟବସାୟୀ ଯେ ବିଭିନ୍ନ ସାମଗ୍ରୀରେ ଅପମିଶ୍ରଣ କରି ଲୋକମାନଙ୍କୁ ଦ୍ରବ୍ୟ ବିକ୍ରି କରି ଦେଇଥାନ୍ତି, ସେମାନେ ମଧ୍ୟ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ । ଯେତେବେଳେ ମନୁଷ୍ୟ ଆଭ୍ୟନ୍ତରରୁ ବିଶ୍ୱାସ ଉଠି ଯାଇଥାଏ ସେତେବେଳେ ହିଁ ସେ ଏପରି କାଣ୍ଡ କରିଥାଏ ।

ହଜୁର ଅ.ସ କହିଲେ; ଯେପରି ଯଦି ଛେଳି ମୁଣ୍ଡ ଉପରେ ଏକ ମହାବଳ ବାଘ ଛିଡ଼ା ହୋଇଥିଲେ ସେ ଠିକ୍ ଭାବରେ ଘାସ ମଧ୍ୟ ଚରି ପାରି ନଥାଏ ତେବେ କ'ଣ ମନୁଷ୍ୟ ଠାରେ ତୁଚ୍ଛ ଛେଳି ସମ ବିଶ୍ୱାସ ମଧ୍ୟ ବାକି ନାହିଁ ? ଯେତେବେଳେ ମନୁଷ୍ୟ ପାପ ଓ ମନ୍ଦକର୍ମ କରିବାକୁ ପାଦ ଆଗକୁ ବଢ଼ାଏ ସେତେବେଳେ ଏହି କଥା ଚିନ୍ତା କରିବା ଉଚିତ୍ ଯେ ପ୍ରଭୁ ମୋ ଉପରେ ପ୍ରତି ମୁହୂର୍ତ୍ତରେ ଲକ୍ଷ ରଖିଛନ୍ତି । ପୁନଶ୍ଚ ହଜୁର ଅ.ସ କହିଲେ; ଅସଲ କଥା ଓ ମୂଳ ଉଦ୍ଦେଶ୍ୟ ଧର୍ମପରାୟଣତା ଅଟେ । ଯେଉଁ ବ୍ୟକ୍ତି ତାହା ପ୍ରାପ୍ତ କରିନେଲା ତେବେ ସେ ସବୁକିଛି ଜିଣି ନେଲା । ତାହା ବ୍ୟତୀତ ମନୁଷ୍ୟ ନା ଛୋଟ ନା ବଡ଼ କୌଣସି ପ୍ରକାରର ଅପକର୍ମରୁ ସୁରକ୍ଷିତ ରହିଥାଏ ବରଂ ସବୁକିଛି ଅର୍ଥହୀନ ସାବ୍ୟସ୍ତ ହୋଇଥାଏ ।

ଧର୍ମପରାୟଣତା ଆଧାରରେ ସବୁକିଛି ହାସଲ ହୋଇଥାଏ । ଦେଖ ପବିତ୍ର କୁରଆନର ଆରମ୍ଭ ଏହିଥିରୁ ହୋଇଛି ଯେ ଇୟାକାନାବୁଦୁ ଓ୍ୱଇୟାକାନସ୍ ତଈନ୍ ଏହାର ଯଥାର୍ଥ ଧର୍ମପରାୟଣତା ଅଟେ । ମନୁଷ୍ୟ ଯଦିଚ ଅମଳ କରିଥାଏ କିନ୍ତୁ ଭୟ ବଶତଃ ସାହସ ଜୁଟାଇ ପାରି ନଥାଏ ଯେ ତାହାକୁ ନିଜ ପ୍ରତି ସମ୍ବୋଧିତ କରିବ ଏବଂ ଅଲ୍ଲାଃଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିଥାଏ । ଦ୍ୱିତୀୟ ପନ୍ଥା ହୁଦଲ୍ ଲିଲ୍‌ମୁତ୍ ତକିନ୍‌ରୁ ଆରମ୍ଭ ହୋଇଥାଏ । ନମାଜ, ରୋଜା ଓ ଜକାତ୍ ଆଦି ସେତେବେଳେ ଗ୍ରହୀତ ହୋଇଥାଏ ଯେତେବେଳେ ମନୁଷ୍ୟ ଧର୍ମପରାୟଣତା ଅବଲମ୍ବନ କରିଥାଏ । ସେତେବେଳେ ମନ୍ଦକର୍ମ ଆଡ଼କୁ ଆକର୍ଷିତ କରୁଥିବା ସମସ୍ତ ଭାବନାକୁ ପରମେଶ୍ୱର ଦୂର କରିଦେଇଥାନ୍ତି । ଯଦି ଧର୍ମପରାୟଣତା ଉତ୍ପନ୍ନ ହୋଇଯାଏ ତେବେ ପତ୍ନୀର ଆବଶ୍ୟକତା ଥିଲେ ସେ ପତ୍ନୀ ପ୍ରଦାନ କରିଦେଇଥାନ୍ତି, ଔଷଧର ଆବଶ୍ୟକତା ପଡ଼ିଲେ ଔଷଧ ଯୋଗାଇ

ଦେଇଥାନ୍ତି । ବସ୍ତୁତଃ ଯେକୌଣସି ସାମଗ୍ରୀ ଦରକାର ତାହା ସେ ଯୋଗାଇ ଦେଇଥାନ୍ତି । ଏପରି ସ୍ଥାନରୁ ଆମଦାନି ହୋଇଥାଏ ଯେଉଁସ୍ଥଳୁ ମିଳିବାର ମନୁଷ୍ୟ କଳନା ମଧ୍ୟ କରି ନଥାଏ ।

ପୁନଶ୍ଚ କହିଲେ; ଏହି ନିୟମକୁ ସର୍ବଦା ସ୍ମରଣ ରଖ ଯେ ପୁଣ୍ୟବାନର କାର୍ଯ୍ୟ ଏହିକି ଯେ ସେ କୌଣସି ପ୍ରକାର ସଫଳତା ଯାହାକି ତାହାକୁ ପ୍ରଦାନ କରାଯାଏ ମନସ୍ତାପ କରିଥାଏ, ଯେ ମୁଁ ତ ଏହାର ପାତ୍ର ନଥିଲି ବରଂ ପ୍ରଭୁଙ୍କ କୃପା ଫଳରେ ଏସବୁ ମୋତେ ପ୍ରାପ୍ତ ହୋଇଛି । ଯେତେବେଳେ ଏହି ଭାବନା ଉଦ୍ରେକ ହେବ ଓ ମନୁଷ୍ୟ ପ୍ରଭୁଙ୍କ ପ୍ରଶଂସା ଗାନ କରି ପାଦ ଆଗକୁ ବଢ଼ାଇଥାଏ ସେତେବେଳେ ପ୍ରତ୍ୟେକ ପରୀକ୍ଷା ସମୟରେ ତାହାର ବିଶ୍ୱାସ ଅଟଳ ଅବିଚଳ ରହିଥାଏ । ପୁନଶ୍ଚ କହିଲେ; **ଜଣେ ସଚ୍ଚୋଟ ବିଶ୍ୱାସକାରୀ ଯେତେବେଳେ ନିଜର ସମସ୍ତ କାର୍ଯ୍ୟ ପ୍ରଭୁଙ୍କ ତରଫରୁ ମନେକରେ ସେତେବେଳେ ଐଶ୍ୱର୍ଯ୍ୟମୟ ପ୍ରଭୁ ତାହା ଉପରେ ପୁରସ୍କାରର ଦ୍ୱାର ଉନ୍ମୁକ୍ତ କରି ଦେଇଥାନ୍ତି ।** ଏପରି ପ୍ରତ୍ୟେକ ସଫଳତା ଅନ୍ତେ ତାହାର ପରମେଶ୍ୱର ତାହା ସହିତ ଆଉ ଏକ ନୂତନ ମାମଲା ଆରମ୍ଭ କରିଦେଇଥାନ୍ତି । ତାହା ଅଭ୍ୟନ୍ତରରେ ପବିତ୍ର ପରିବର୍ତ୍ତନ ସୃଷ୍ଟି ହୋଇଯାଇଥାଏ । ଇନ୍‌ନଲ୍ ଲାହା ମାଅଲ୍ ଲଜିନତ୍‌ତକୁ ପ୍ରଭୁ ସେହିମାନଙ୍କ ସାଥିରେ ଥାନ୍ତି ଯେ ଧର୍ମନିଷ୍ଠ ଅଟନ୍ତି ।

ହଜୁର[ଅ.ସ] କହିଲେ; ଧର୍ମପରାୟଣତାର ପ୍ରଭାବ ଏହି ଭବ ସଂସାରରେ ମନୁଷ୍ୟ ମଧ୍ୟରେ ପରିଲକ୍ଷିତ ହେବା ଆରମ୍ଭ ହୋଇଯାଇଥାଏ । ଏହା କେବଳ ଉଧାର ନୁହେଁ, ନଗଦ ଅଟେ ବରଂ ଯେପରି ବିଷର ପ୍ରଭାବ ଓ ତରୟାକ୍ (ଔଷଧି)ର ପ୍ରଭାବ ଶରୀର ଉପରେ ସଙ୍ଗେସଙ୍ଗେ ପଡ଼ିଥାଏ । ଠିକ୍ ସେହିପରି ତକ୍‌ୱାର ପ୍ରଭାବ ମଧ୍ୟ ଦୃଶ୍ୟମାନ ହୋଇଥାଏ । ସୁତରାଂ ଯଦି ପୁଣ୍ୟକର୍ମ କରିବା ଓ ଉପାସନା କରିବା ସତ୍ତ୍ୱେ ମନୁଷ୍ୟର ଅବସ୍ଥାରେ ପରିବର୍ତ୍ତନ ଉତ୍ପନ୍ନ ହେଉ ନାହିଁ ତେବେ ଏହା ଘୋର ଚିନ୍ତାଜନକ ବିଷୟ । ହଜୁର[ଅ.ସ] କୁହନ୍ତି; ଯେପର୍ଯ୍ୟନ୍ତ ପ୍ରକୃତରେ ମନୁଷ୍ୟକୁ ଅନେକ ମୃତ୍ୟୁ ଆଚ୍ଛାଦିତ କରି ନାହିଁ ସେପର୍ଯ୍ୟନ୍ତ ସେ ଧର୍ମନିଷ୍ଠ ହୋଇ ନଥାଏ... ପ୍ରତ୍ୟେକ ଦିଗରୁ ଚକ୍ଷୁ ବନ୍ଦ କରି ସର୍ବପ୍ରଥମେ ଧର୍ମପରାୟଣତାର ସ୍ତରରେ ଉତୀର୍ଣ୍ଣ ହୁଅ, ଯେତେସବୁ ଅବତାରଗଣ ଧରା ପୃଷ୍ଠକୁ ଆସିଛନ୍ତି ସଭିଙ୍କର ଏହି ଗୋଟିଏ ଉଦ୍ଦେଶ୍ୟ ଓ ଲକ୍ଷ ଥିଲା ଯେ, ଲୋକମାନଙ୍କୁ କିପରି ଧର୍ମପରାୟଣତାର ମାର୍ଗ ସହିତ ପରିଚିତ କରିଦେବେ । ଇନ୍ ଅଓ୍ୱଲିୟାଉହୁ ଇଲ୍ଲଲ୍ ମୁତ୍‌ତକୁନ୍ (ଅନଫାଲ୍ : ୩୫) କିନ୍ତୁ ପବିତ୍ର କୁରଆନ ଧର୍ମପରାୟଣତାର ସୂକ୍ଷ୍ମାତି ସୂକ୍ଷ୍ମ ମାର୍ଗର ଖବର ଦେଇଛି... **ଆମ ଶିକ୍ଷାର ସାରାଂଶ ଏହିକି ଯେ ମନୁଷ୍ୟ ନିଜ ସମସ୍ତ ସାମର୍ଥ୍ୟ ପ୍ରଭୁଙ୍କୁ ପ୍ରାପ୍ତ କରିବାରେ ବିନିଯୋଗ କରିଦେଉ ।**

ପରିଶେଷରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ] ବିଭିନ୍ନ ଶୈଳୀରେ ଆମମାନଙ୍କୁ ଉପଦେଶ ଦେଇ ଧର୍ମପରାୟଣ ହେବାକୁ ବୁଝାଇଛନ୍ତି । ଯଦ୍ୱାରା ଆମକୁ ଧର୍ମପରାୟଣତାର ଅର୍ଥ, ତାହାର ଗୂଢ଼ତତ୍ତ୍ୱ ପ୍ରସଙ୍ଗରେ ଆମକୁ ଜ୍ଞାତ ହୋଇଯିବ ଏବଂ ଜମାଅତରେ ସାମିଲ ହେବା ପରେ ଆମେମାନେ ଧର୍ମପରାୟଣତାର ବାସ୍ତବତାକୁ ବୁଝି ତଦ୍‌ନୁରୂପ ନିଜକୁ ପରିଚାଳିତ କରିବା । ରମଜାନର ବାକି ରହିଯାଇଥିବା ଏଇ କେତେଟା ଦିନରେ ଯେଭଳି ସମ୍ଭବ ଆମେମାନେ ଚେଷ୍ଟା କରିବା ଯେ ଧର୍ମପରାୟଣତାର ବାସ୍ତବତାକୁ ବୁଝି ପ୍ରଭୁ ଓ ତାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବା । ଅଲ୍ଲାଃତାଲା ଆମମାନଙ୍କୁ ଏଥି ସକାଶେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

22nd April 2022